Suryaprava - 1/10/16

# ଜୈବ ସାର କାରଖାନାର ଶୁଭ ଉଦ୍‌ଘାଟନ

।। ପ୍ରଭାନ୍ୟୁଜ ।। ପାରାଦୀପ: ପାରାଦୀପସ୍ଥିତ ଇଫ୍‌କୋ ୟୁନିଟ ପକ୍ଷରୁ ଭିତ୍ତି ପ୍ରସ୍ତର ସ୍ଥାପନର ମାତ୍ର ୧୦ ମାସ ଭିତରେ ପୂର୍ଣ୍ଣାଙ୍ଗ ହୋଇଥିବା ଜୈବ ସାର କାରଖାନା ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇଫ୍‌କୋର ପ୍ରବନ୍ଧ ନିର୍ଦ୍ଦେଶକ ଡ.ଉଦୟ ଶଙ୍କର ଅଗସ୍ତି ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଶ୍ରୀ ଅଗସ୍ତି ନିଜ ଉଦ୍‌ବୋଧନରେ କହିଥିଲେ ଯେ, ଜମିରେ ଜୈବିକ ସାର ବ୍ୟବହାର କଲେ ମାଟିର ଉର୍ବରତା ବୃଦ୍ଧି ପାଇବା ସହିତ ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇ ପାରିବ । କୃଷକ ମାନଙ୍କ ଉନ୍ନତିକଳ୍ପେ ଉତ୍ସର୍ଗୀକୃତ ମନୋଭାବ ନେଇ ନୀରବଚ୍ଛିନ୍ନ ଉଦ୍ୟମ ଜାରି ରଖି ଆସିଥିବା "ଇଣ୍ଡିଆନ ଫାର୍ମର୍ସ ଫର୍ଟିଲାଇଜର କୋ-ଅପରେଟିଭ ଲିମିଟେଡ"(ଇଫ୍‌କୋ) ପ୍ଲାଣ୍ଟ ଉତ୍ପାଦିତ ରସାୟନିକ ସାର ସମବାୟ ସମିତି ଜରିଆରେ ଚାଷୀ ମାନଙ୍କ ନିକଟରେ ନିର୍ଦ୍ଧାରିତ ସମୟରେ ପହଞ୍ଚାଇ ରାଜ୍ୟର କୃଷକ ମାନଙ୍କ ନିକଟ-ର ହୋଇ ପାରିଛି । ତେବେ ସ୍ୱଳ୍ପ, କମ୍ପୋଷ୍ଟ ବ୍ୟବହାର ନ କରି ନିରୋଳା ରସାୟନିକ ସାର ବ୍ୟବହାର ଫଳରେ ମାଟିର ଉର୍ବରତା ହ୍ରାସ ପାଇ ଚାଲିଛି,ଯାହା ଫଳରେ ଅଧିକ ସାର ପ୍ରୟୋଗ କରି ଖର୍ଚ୍ଚାନ୍ତ ହେଉଥିଲେ ହେଁ ଚାଷୀ ମାନେ ଆଶାନୁରୂପ ଭାବେ ଫସଲ ପାଇ ପାରୁ ନାହାଁନ୍ତି । ଜମିରେ ଜୈବିକ ସାର ପ୍ରୟୋଗ କରି ମାଟିର ଉର୍ବରତା ବୃଦ୍ଧି କରିବା ସହିତ କମ ଖର୍ଚ୍ଚରେ ଚାଷୀ ମାନେ ଅଧିକ ଉତ୍ପାଦନ କରିବା ଲକ୍ଷ୍ୟରେ ପାରାଦୀପସ୍ଥିତ ଇଫ୍‌କୋ ୟୁନିଟ ପକ୍ଷରୁ ପ୍ରଥମ କରି ନିର୍ମିତ ପ୍ଲାଣ୍ଟରୁ ଜୈବ ସାର ଆଜି ଠାରୁ ଉତ୍ପାଦନ କରିବାକୁ ଯାଉଛି ବୋଲି ଡ.ଉଦୟ ଶଙ୍କର ଅଗସ୍ତି କହିଥିଲେ । ଏହାଛଡ଼ା କେନ୍ଦ୍ର ସରକାର ସବସିଡ ଆକାରରେ ଦେଇ ଆସୁଥିବା ଟଙ୍କାକୁ ସିଧା ସଳଖ ଚାଷୀ ମାନଙ୍କ ବ୍ୟାଙ୍କ ଆକାଉଣ୍ଟ-ରେ ଜମା




କରିବାକୁ କରି ଆସିଥିବା ଉଦ୍ୟମ ସଫଳ ହୋଇଛି,ଯାହା ଫଳରେ ଚାଷୀ ମାନେ ଏଣିକି ନିଜ ଇଚ୍ଛା ମୁତାବକ ସାର ଖରିଦ କରି ପାରିବେ ବୋଲି ମତ ପୋଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟର ମାର୍କେଟିଂ ମ୍ୟାନେଜର ସମରେନ୍ଦ୍ର ଚଟ୍ଟୋପାଧ୍ୟାୟ ଓ ନୂତନ ପ୍ଲାଣ୍ଟର ପ୍ରିନ୍ସିପାଲ ଡ.ମନ୍ମଥ ପ୍ରସାଦ ପ୍ରମୁଖ ଯୋଗ ଦେଇଥିଲେ । ପାରାଦୀପ ୟୁନିଟର ମୁଖ୍ୟ ଆଶୀଷ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ମାନବ ସମ୍ବଳ ବିଭାଗର ମୁଖ୍ୟ ପରିଚାଳକ ଜ୍ଞାନବାଦ ଆଚାର୍ଯ୍ୟ । ମଞ୍ଚ ସଞ୍ଚାଳନ କରିଥିଲେ ଇଫ୍‌କୋର ଅନ୍ୟତମ ସିନିୟର ମ୍ୟାନେଜର ଆର.କେ.ବର୍ମା ।